# REGIONAL NEWS UNIT, AIR CUTTACK
## Evening Bulletin (6.45 PM)
### 27 October - 2024
### News Editor : *Itishree Singh Rathaur*

*********************************

## ମୁଖ୍ୟ ସମ୍ବାଦ

- ସାଇବର ଠକେଇ ସମ୍ପର୍କରେ ସଚେତନ ହେବାକୁ ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ପରାମର୍ଶ ଦେଲେ ପ୍ରଧାନମନ୍ତ୍ରୀ
- ଆକାଶମାର୍ଗରୁ ବାତ୍ୟାଞ୍ଚଳ ପରିଦର୍ଶନ କରି ସ୍ଥିତିର ଅନୁଧ୍ୟାନ କଲେ, ମୁଖ୍ୟମନ୍ତ୍ରୀ
- ରାଜ୍ୟରେ ଆସନ୍ତା ମଙ୍ଗଳବାର ଆୟୁଷ୍ମାନ ଭାରତ ଯୋଜନାର ହେବ ଶୁଭାରମ୍ଭ

ଏବଂ

- 'ଜାତୀୟ ସମୃଦ୍ଧି ପାଇଁ ଆଦର୍ଶ ଆଚରଣ'ର ବାର୍ତ୍ତା ନେଇ ଆସନ୍ତାକାଲିଠାରୁ ରାଜ୍ୟରେ ପାଳନ କରାଯିବ ସତର୍କତା ସଚେତନତା ସପ୍ତାହ

# ପିଏମ୍-ମନ୍ କି ବାତ୍

ସାଇବର ଠକେଇ ସମ୍ପର୍କରେ ସଚେତନ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଠକେଇର ମୁକାବିଲା ପାଇଁ ସବୁ ତଦନ୍ତକାରୀ ସଂସ୍ଥା ରାଜ୍ୟ ସରକାରଙ୍କ ସହ ମିଶି କାର୍ଯ୍ୟ କରୁଛନ୍ତି । ସାଇବର ଠକେଇକୁ ପ୍ରତିହତ କରିବା ପାଇଁ ଅପେକ୍ଷାକର, ଚିନ୍ତାକର ଏବଂ ପଦକ୍ଷେପ ନିଅ, ଏହି ତିନୋଟି ବିଷୟ ସମସ୍ତଙ୍କୁ ସାଇବର ଠକେଇରୁ ସୁରକ୍ଷିତ ରଖିପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ନିଜର ବ୍ୟକ୍ତିଗତ ସୂଚନା କାହାକୁ ନଦେବା ପାଇଁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆବଶ୍ୟକ ପଡିଲେ ସ୍କ୍ରିନ୍‌ସଟ ନେଇ ବାର୍ତ୍ତାଳାପ ରେକର୍ଡ କରିବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି। ଜାତୀୟ ସାଇବର ହେଲ୍‌ପ ଲାଇନ୍ ନମ୍ବର ୧୯୩୦କୁ ଡାଏଲ କରି ଏ ସମ୍ପର୍କରେ ସୂଚନା ଦେବା ସହ ଏଥିପାଇଁ ଉଦ୍ଦିଷ୍ଟ ୱେବ୍‌ସାଇଟ୍ **cybercrime.gov.in**ର ସାହାଯ୍ୟ ନିଆଯାଇପାରିବ। ସରକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଏକ ଜାତୀୟ ସାଇବର ସମନ୍ୱୟ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି। ସାଇବର ଠକେଇ ବୃଦ୍ଧିକୁ ଦୃଷ୍ଟିରେ ରଖି ଲକ୍ଷାଧିକ ସିମ୍ କାର୍ଡ, ମୋବାଇଲ ଫୋନ୍ ଏବଂ ବ୍ୟାଙ୍କ ଆକାଉଣ୍ଟକୁ ଇତିମଧ୍ୟରେ ବନ୍ଦ କରାଯାଇ ସାରିଲାଣି ।

ଏ ନେଇ ସଚେତନତା ବୃଦ୍ଧି ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

# - V/O -

ବିଶ୍ୱ ଆନିମେସନ ଦିବସ ଆସନ୍ତାକାଲି ପାଳନ କରାଯିବ। ଆନିମେସନ ଦୁନିଆରେ ଭାରତ ଏକ ନୂତନ ବିପ୍ଳବ ଆଣିବା ଦିଗରେ ଅଗ୍ରସର ହେଉଛି । ଏ ଦିଗରେ ସମସ୍ତେ ସହଯୋଗ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଆତ୍ମନିର୍ଭର ଭାରତ ଅଭିଯାନ ସଫଳ ହୋଇଛି ଏବଂ ଏହା ଦେଶର ସାମୁହିକ ଚେତନାର ଏକ ଅଂଶ ପାଲଟିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବିଶ୍ୱର ସବୁଠାରୁ ବଡ ପ୍ରତିରକ୍ଷା ଉପକରଣ କ୍ରେତା ଥିବା ଭାରତ’ ଏବେ ୮୫ଟି ଦେଶକୁ ରପ୍ତାନୀ କରୁଛି । ‘ଭୋକାଲ ଫର ଲୋକାଲ’ ମନ୍ତ୍ର ନେଇ ପାର୍ବଣ ଋତୁରେ କିଣାକିଣି କରିବା ପାଇଁ ପରାମର୍ଶ ଦେଇଛନ୍ତି ।

ମନ୍ କି ବାତ୍ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ସାହସ ଏବଂ ଦୁରଦୃଷ୍ଟି ଥିବା ଦୁଇ ମହାନାୟକ ସର୍ଦ୍ଦାର ପଟେଲ ଏବଂ ଭଗବାନ ବିର୍ସା ମୁଣ୍ଡାଙ୍କ ଉପରେ ଆଲୋକପାତ କରିଛନ୍ତି । ଏହି ଦୁଇ ମହାନ୍ ଆତ୍ମା ଭିନ୍ନ ଭିନ୍ନ ଆହ୍ୱାନର ସମ୍ମୁଖୀନ ହୋଇଥିଲେ କିନ୍ତୁ ସେମାନଙ୍କର ଦୃଷ୍ଟିକୋଣ ସମାନ ଥିଲା, ତାହା ହେଉଛି ‘ଦେଶର ଏକତା’ । ସର୍ଦ୍ଦାର ପଟେଲ ଏବଂ ବିର୍ସା ମୁଣ୍ଡାଙ୍କ ବିଷୟରେ ନିଜର ଚିନ୍ତାଧାରାକୁ ବାଣ୍ଟିବାକୁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଆସନ୍ତା ୩୧ ତାରିଖରେ ଦିପାବଳୀ ପଡୁଥିବାରୁ ୨୯ ତାରିଖରେ 'ରନ୍ ଫର ୟୁନିଟି' ଅନୁଷ୍ଠିତ ହେବ। ଏଥିରେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗଦେବାକୁ ସେ ଆହ୍ୱାନ ଦେଇଛନ୍ତି ।

ଧନତେରସ୍, ଦୀପାବଳି, ଛଟ୍‌ପୂଜା ଏବଂ ଗୁରୁ ନାନକ ଜୟନ୍ତୀ ପାଇଁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନଠାରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଶୁଣିଛନ୍ତି। ସାଇବର ସୁରକ୍ଷା କ୍ଷେତ୍ରରେ ସମସ୍ତେ ସଚେତନ ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଡିଜିଟାଲ ଆରେଷ୍ଟ ଏବଂ ଡିଜିଟାଲ ଠକେଇକୁ ନେଇ ସଚେତନ ହେବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଶ୍ରୀ ପ୍ରଧାନ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍‌ରେ ସାଇବର ଅପରାଧ ସମ୍ପର୍କରେ ଆଲୋଚନା କରି ଜନସାଧାରଣଙ୍କୁ ସଚେତନ କରାଇଛନ୍ତି। ଏଥିପାଇଁ ସେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ବାତ୍ୟାଞ୍ଚଳ ଅନୁଧ୍ୟାନ

ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଜି ଅପରାହ୍ଣରେ ଆକାଶମାର୍ଗରୁ ବାତ୍ୟା ଅଂଚଳ ପରିଦର୍ଶନ କରି ସ୍ଥିତିର ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ହେଲିକ୍ୟାପ୍ଟର ଯୋଗେ ପାରାଦ୍ୱୀପ, କେନ୍ଦ୍ରାପଡାର ମହାକାଳପଡା, ରାଜନଗର, ରାଜକନିକା ଓ ଭଦ୍ରକ ଚାନ୍ଦବାଲିର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ

ଆକାଶମାର୍ଗରୁ ଅନୁଧ୍ୟାନ କରିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗକୁ କ୍ଷୟକ୍ଷତିର ତୁରନ୍ତ ଆକଳନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୂଜା ମଧ୍ୟ ଉପସ୍ଥିତ ଥିଲେ।

## ରାଜସ୍ୱ ମନ୍ତ୍ରୀ

ବାତ୍ୟା 'ଦାନା'ର ପରବର୍ତ୍ତୀ ସମୟରେ ବର୍ଷାର ପରିମାଣ କମିବା ପରେ ପ୍ରଭାବିତ ଅଞ୍ଚଳରେ ଜୀବନ ଯାତ୍ରା ସ୍ୱାଭାବିକ ହୋଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଗମନାଗମନ ବ୍ୟବସ୍ଥାରେ ସୁଧାର ଆସିବା ସହ ବିଦ୍ୟୁତ ସରବରାହ ଓ ପୁନଃସଂଯୋଗ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଛି।ବାତ୍ୟାରେ ୧୪ଟି ଜିଲ୍ଲାର ୧୦୮ ଟି ବ୍ଲକ୍‌ର ୧୬୭୧ଟି ଗ୍ରାମପଂଚାୟତ ପ୍ରଭାବିତ ହୋଇଛି।

ବାତ୍ୟା ସମୟରେ ପ୍ରାୟ ୮ଲକ୍ଷ ୧୦ହଜାର ୮୯୬ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା। ବିଭିନ୍ନ ଆଶ୍ରୟସ୍ଥଳୀରେ ଲୋକମାନଙ୍କୁ ଶୁଖିଲା ତଥା ରନ୍ଧା ଖାଦ୍ୟ ଦିଆଯାଉଛି। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଜାରି ରହିବ। ସ୍ୱତନ୍ତ୍ର ରିଲିଫ କମିଶନର ସମସ୍ତ ବିଭାଗ ର ସଚିବ ଓ ୧୪ ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ନଭେମ୍ବର ୨ ତାରିଖ ସୁଦ୍ଧା ବାତ୍ୟା ଜନିତ କ୍ଷୟକ୍ଷତି ର ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଶ୍ରୀ ପୂଜାରୀ କହିଛନ୍ତି।

## ଆୟୁଷ୍ମାନ୍ ଭାରତ ଯୋଜନା

ରାଜ୍ୟରେ ଆସନ୍ତା ମଙ୍ଗଳବାର ଆୟୁର୍ବେଦିକ ଦିବସ ବା ଧନ୍ୱନ୍ତରୀ ଦିବସ ଅବସରରେ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ ହେବ। ପ୍ରଧାନମନ୍ତ୍ରୀ

ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଏହି ଯୋଜନାର ଶୁଭାରମ୍ଭ କରିବେ। ଏହାସହ ଜଟଣୀରେ ଆୟୁର୍ବେଦ ଓ ନେଚରପାଥିର ଏକ ହସ୍‌ପିଟାଲ ଏବଂ ଖୋର୍ଦ୍ଧା ଜିଲ୍ଲା ଗୋଠପାଟଣାଠାରେ ପୂର୍ବାଞ୍ଚଳର ସେଣ୍ଟ୍ରାଲ୍ ଡ୍ରଗ୍ସ ଟେଷ୍ଟିଂ ୟୁନିଟ୍ ଓ ବରଗଡ଼ରେ କ୍ରିଟିକାଲ ହେଲ୍‌ଥ ୟୁନିଟ୍‌ର ଶୁଭାରମ୍ଭ କରାଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସମେତ ଅନ୍ୟ ସାଂସଦ ଓ ବିଧାୟକମାନେ ଉପସ୍ଥିତ ରହିବେ।

## ଅଭିଯୋଗ ଶୁଣାଣି ବନ୍ଦ

ବାତ୍ୟା 'ଦାନା' ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି ଆସନ୍ତାକାଲି ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଯେଉଁମାନେ ଏହିଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ପଞ୍ଜୀକରଣ କରିଛନ୍ତି, ସେମାନଙ୍କୁ ପରବର୍ତ୍ତୀ ଅଭିଯୋଗ ଶୁଣାଣି ପାଇଁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ ବୋଲି କୁହାଯାଇଛି। ସେମାନଙ୍କ ପାଇଁ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ବୋଲି କୁହାଯାଇଛି।

## ସଚେତନତା ସପ୍ତାହ

ରାଜ୍ୟରେ ଆସନ୍ତାକାଲିଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ପାଳନ କରାଯିବ। 'ଜାତୀୟ ସମୃଦ୍ଧି ପାଇଁ ଆଦର୍ଶ ଆଚରଣର ସଂସ୍କୃତି' ବିଷୟବସ୍ତୁକୁ ନେଇ ଏହି ସପ୍ତାହ ପାଳନ କରାଯିବ। ଏହି ଅବସରରେ ଆସନ୍ତାକାଲି ଭୁବନେଶ୍ୱରର ଲୋକସେବା ଭବନରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଯୋଗଦେବେ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରୁ ଜଣାପଡିଛି ।

## ପୁଲିସ୍ ବଡ଼ି କ୍ୟାମେରା

କମିଶନରେଟ ପୋଲିସ ଥାନାରେ ଅଭ୍ୟର୍ଥନା ଡ଼େସ୍କରେ କାର୍ଯ୍ୟରତ ପୁଲିସ କର୍ମଚାରୀମାନେ ବଡ଼ି କ୍ୟାମେରା ପିନ୍ଧିବେ ।  ଏହି କ୍ୟାମେରା ଥାନାରେ ପୁଲିସ୍ କର୍ମଚାରୀଙ୍କ ବ୍ୟବହାର ନିରୀକ୍ଷଣ କରିବା ସହ ପୁଲିସ୍‌ଙ୍କ ପ୍ରତି ଦୁର୍ବ୍ୟବହାର ହେଲେ କଣ୍ଟ୍ରୋଲ ରୁମ୍‌କୁ ସୂଚନା ପ୍ରଦାନ କରିବ । ଥାନାରେ ଲୋକଙ୍କୁ ଉନ୍ନତ ମାନର ସେବା ଯୋଗାଇବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି ।

## ବାଲିଯାତ୍ରା ପଞ୍ଜୀକରଣ

ଐତିହାସିକ କଟକ ବାଲିଯାତ୍ରା ପାଇଁ ପ୍ଲଟ୍ ପଞ୍ଜୀକରଣ ଆଜି ଶେଷ ହୋଇଛି । ସନ୍ଧ୍ୟା ସୁଦ୍ଧା ୧୪ ଶହ ପ୍ଲଟ୍ ପାଇଁ ପଞ୍ଜୀକରଣ ହୋଇଥିବା ସୂଚନା ମିଳିଛି । ସୂଚନା ଅନୁସାରେ, ଆସନ୍ତା ୧୫ ତାରିଖରୁ ବାଲିଯାତ୍ରା ଆରମ୍ଭ ହେବ । ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି ।

## ସୁରଭି

**ମାଲକାନଗିରି** ଜିଲ୍ଲା ସଦର ମହକୁମାସ୍ଥିତ ବୁଟିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ-୨୦୨୪ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଲୁକ୍‌କାୟିତ ପ୍ରତିଭାର ବିକାଶ ହୋଇପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । କଳା ଉତ୍ସବରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଛି ।

## ପରବ ଉଦ୍‌ଘାଟିତ

କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ୍ ଅନ୍ତର୍ଗତ ଦୁଧାରୀଠାରେ ଜାତୀୟ ସାଂସ୍କୃତିକ ଲୋକ ମହୋତ୍ସବ 'ପରବ' ଉଦ୍‌ଘାଟିତ ହୋଇଛି । ପାରମ୍ପରିକ ଲୋକନୃତ୍ୟ ଓ କଳାକାରମାନଙ୍କ ଉପସ୍ଥିତିରେ ମାଉଲୀମା' ମନ୍ଦିରରୁ ପୂଜାର୍ଚ୍ଚନା କରାଯିବା ପରେ ପରବ ମଶାଲ ବାହାର କରାଯାଇଥିଲା । ଆଗାମୀ ୧ ମାସ ଧରି  ଜିଲ୍ଲାର ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ ।

## କ୍ଷେତ୍ର ପରିଦର୍ଶନ

ବୌଦ୍ଧ ଜିଲ୍ଲା ଖଡଙ୍ଗ ନଦୀରେ ଏକ ଡ୍ୟାମ୍ ନିର୍ମାଣ ପାଇଁ ଜିଲ୍ଲାପାଳ କ୍ଷେତ୍ର ପରିଦର୍ଶନ କରିଛନ୍ତି । ସାଡେଙ୍ଗ ଘାଟି ନିକଟରେ ନଦୀର ଉଭୟ ପଟରେ ପାହାଡ ଥିବାରୁ ପ୍ରକଳ୍ପ ପାଇଁ ଉପଯୁକ୍ତ କ୍ଷେତ୍ର ବୋଲି ଜିଲ୍ଲାପାଳ କହିଛନ୍ତି ।

## ଜାତୀୟ ସେବା ଯୋଜନା

**ବୌଦ୍ଧ** ଜିଲ୍ଲା କଣ୍ଟାମାଳ ବ୍ଲକ୍ ପଲ୍ଲାସାଗୋରା ପଞ୍ଚାୟତ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ପରିବେଶ ଓ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । କଲେଜ୍ ଅଧ୍ୟକ୍ଷ ଡକ୍ଟର ସୁରେଶ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ସଚେତନତାର ବାର୍ତ୍ତା ଦିଆଯାଇଥିଲା ।

*********************************